## ଏନ୍‌ଏସ୍‌ଏସ୍ ପକ୍ଷରୁ ଚାରାରୋପଣ

ଗୁଣପୁର,(ଡି.ଏନ୍.ଏ.)-କରୋନା ମହାମାରୀ ସମୟରେ ଗୁଣପୁର କଲେଜ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ଅଭିନବ ପ୍ରୟାସ କରି ବନ ମହୋତ୍ସବ ପାଳନ କରିଛନ୍ତି। ୭୮ ଛାତ୍ରୀଛାତ୍ର ବିଭିନ୍ନ ଗ୍ରାମ ଯଥା ପଦ୍ମପୁର, କୁଜେନ୍ଦ୍ରୀ, ଉକୁମ୍ବା, ଗୁମୁଡ଼ା, ଗୁମ୍ଭାତି, କର୍ଣ୍ଣପାଡୁ, ଶିଖରପାଇ, ଗୋଠଳପଦର, ରାମନାଗୁଡା, ଓମଡିଙ୍ଗ, ପଗଡବିଲି, ମେରିଙ୍ଗି, ଭାଲେରି, ଗୁଲୁମୁଣ୍ଡା, ଡମ୍ବସରା, କାଶୀନଗର ଗ୍ରାମ ମାନଙ୍କରେ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ନିକଟସ୍ଥ ଜଙ୍ଗଲ ଓ କଲେଜ ପରିସରରେ ମଧ୍ୟ ଚାରାରୋପଣ କରାଯାଇଥିଲା। କଲେଜ ଅଧ୍ୟକ୍ଷ ବାମଦେବ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ, ବିଭିନ୍ନ ବିଭାଗର ମୁଖ୍ୟଙ୍କ ପ୍ରଚେଷ୍ଟାରେ ଏହା ହୋଇଥିଲା।

## ସଂକ୍ଷେପରେ

### ବିଷକ୍ରିୟାରେ ଯୁବତୀଙ୍କ ମୃତ୍ୟୁ

ରାୟଗଡ଼ା ଅଫିସ,୯।୭- ରାୟଗଡ଼ା ଜିଲା ଶେଷଖାଲ ଥାନା ଅଧୀନ ଜେମାଦେଇ ପେଣ୍ଠ ଅଞ୍ଚଳରେ ଶୁକ୍ରବାର ଅପରାହ୍ଣରେ ବିଷକ୍ରିୟାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜେମାଦେଇ ପେଣ୍ଠର ଦୁର୍ଯ୍ୟୋଧନ ଗାଣ୍ଡାଙ୍କ ଝିଅ ସୁଜାତା(୨୦)। ସୂଚନା ଅନୁଯାୟୀ, ପରିବାର ଲୋକେ କାମକୁ ଯାଇଥିବାବେଳେ ଘରକୁ ଫେରି ଝିଅକୁ ଗୁରୁତର ଅବସ୍ଥାରେ ପାଇଥିଲେ। ତୁରନ୍ତ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ମୃତଦେହ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ବ୍ୟବଚ୍ଛେଦ କରାଯାଇଥିଲା। ଯୁବତୀଙ୍କ ବିବାହ ଠିକ୍ ହୋଇଥିବାବେଳେ ସେ ଖୁସି ଥିଲେ ବୋଲି ବାପା କହିଛନ୍ତି। ତେବେ କେଉଁ ପରିସ୍ଥିତିରେ ସେ ବିଷ ପିଇଲେ ତାହା ଅସ୍ପଷ୍ଟ ରହିଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ଦାୟିତ୍ୱ ନେଲେ ନୂତନ ଅତିରିକ୍ତ ଜିଲାପାଳ

ରାୟଗଡ଼ା ଅଫିସ,୯।୭- ରାୟଗଡ଼ାର ନୂତନ ଅତିରିକ୍ତ ଜିଲାପାଳ ରୂପେ ସୋମନାଥ ପ୍ରଧାନ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କ ପଦୋନ୍ନତି ପରେ ଡିଆର୍‌ଡିଏ ପିଡି, ମହେଶ୍ୱର ଚନ୍ଦ୍ର ନାୟକ ଏହି ଦାୟିତ୍ୱରେ ଥିଲେ। ନୂତନ ଅତିରିକ୍ତ ଜିଲାପାଳ ପ୍ରଧାନ ଏଥିପୂର୍ବରୁ ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଜିଲାପାଳ ଥିଲେ। ନୂତନ ଦାୟିତ୍ୱ ଗ୍ରହଣ ପରେ ଡିଆର୍‌ଡିଏ ପିଡି, ଉପ ଜିଲାପାଳ, ତହସିଲଦାର, ସମସ୍ତ ସେକ୍ସନ ଅଧିକାରୀ ଏବଂ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ।

### ଭାରସାମ୍ୟ ହରାଇ ଓଲଟିଲା କଣ୍ଟେନର

ପଡ଼ିଆ,୯।୭(ଡି.ଏନ୍.ଏ.)-ମାଲକାନଗିରି ଜିଲା ପଡ଼ିଆ-କାଳିମେଳା ମୁଖ୍ୟରାସ୍ତାସ୍ଥିତ ଉଣ୍ଡୁରୁକୋଣ୍ଡା ଗ୍ରାମ ନିକଟରେ ଶୁକ୍ରବାର ପାଇପ୍ ଲାଇନ୍ ବିଛା କାମରେ ନିୟୋଜିତ ଏକ କଣ୍ଟେନର ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳରେ ମୋବାଇଲ୍ ନେଟୱର୍କ ସେବା ଯୋଗାଇବା ନିମନ୍ତେ ପାଇପ୍ ବିଛା କାମରେ କଣ୍ଟେନର(ୟୁପି ୯୩ ଟି ୯୪୯୬) ନିୟୋଜିତ ଥିଲା। ଗାଡ଼ିଟି ଉଣ୍ଡୁରୁକୋଣ୍ଡାରୁ ବାହାରି କାଳିମେଳା ଅଭିମୁଖେ ଯିବା ସମୟରେ ଉଣ୍ଡୁରୁକୋଣ୍ଡା-କନ୍ୟାଶ୍ରମ ମଝିରେ ଏକ ଗାଡ଼ିକୁ ରାସ୍ତା ଦେବାକୁ ଯାଇ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଗାଡ଼ି ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ତେବେ ଚାଳକ ଏବଂ ହେଲ୍‌ପର ସୁରକ୍ଷିତ ଥିବା ଜଣାପଡ଼ିଛି। ଖବର ପାଇ କାଳିମେଳା ପୋଲିସ ପହଞ୍ଚି ଉଭୟଙ୍କୁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଏ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି।

### ବିଦାୟ ସମ୍ବର୍ଦ୍ଧନା

ସେମିଳିଗୁଡ଼ା, ୯।୭(ସ୍ୱ.ପ୍ର.)- ସେମିଳିଗୁଡ଼ା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ମୁଖ୍ୟ ଡ. ଅମ୍ବିକା ବଲ୍ଲଭ ବାହିନୀପତି ଏବଂ ବାଣିଜ୍ୟ ବିଭାଗ ମୁଖ୍ୟ ଡ. ଉମାଶଙ୍କର ପ୍ରସାଦ ପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବରେ ସେମିଳିଗୁଡା ମହାବିଦ୍ୟାଳୟର ପ୍ରତିଷ୍ଠାତା କୃଷ୍ଣ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ରବିନାରାୟଣ ସୂତାର, କାବେରୀ ବିଶ୍ୱାଳ, ପ୍ରାଧ୍ୟାପକ ଡ. ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ବିଦାୟୀ ଅଧ୍ୟାପକ ବାହିନୀପତି ଏବଂ ପାତ୍ରଙ୍କୁ ମାନପତ୍ର, ଉପଢୌକନ ଏବଂ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମୟରେ କଲେଜ ଅଧ୍ୟକ୍ଷ ନୀଳାଞ୍ଚଳ ଆଚାର୍ଯ୍ୟ, ରମା ରଞ୍ଜନ ପଟ୍ଟନାୟକ, ଅନିରୁଦ୍ଧ ଜେନା, ଦେବରାଜ ନାୟକ, ଡ. ବିଦ୍ୟୁତ୍‌ପ୍ରଭା ରାଉତ, ଶିବାଶିଷ ପଟ୍ଟନାୟକ, ଡ. ଗୀତା ପଟ୍ଟନାୟକ, ଅସିତ ମିଶ୍ର, ଶୁଭ୍ରାଂଶୁ ଶେଖର ଦାସ, ବିନୋଦ ଲେଙ୍କା, ବିନୟ ପଣ୍ଡା, ପ୍ରେମାନନ୍ଦ ରାଉତ, ଅଲେଖ ପଣ୍ଡାଙ୍କ ସମେତ କଲେଜର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଡ. ଝାନ୍‌ସୀ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ସୁରେଶ ପାଇକରାୟ ଧନ୍ୟବାଦ ଦେଇଥିଲେ।

### ଜିଲାପାଳଙ୍କୁ ଦାବିପତ୍ର

ଦାମନଯୋଡ଼ି, ୯।୭(ଡି.ଏନ୍.ଏ.)-ଉତ୍କଳ ସାମ୍ବାଦିକ ସଂଘ, କୋରାପୁଟ ଜିଲା ଶାଖା ପକ୍ଷରୁ କୋରାପୁଟ ଜିଲାପାଳଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ମୁଖ୍ୟ ଉପଦେଷ୍ଟା ବିନୋଦ ମହାପାତ୍ରଙ୍କ ସହିତ ଜିଲା ସଭାପତି ନରସିଂହ ବ୍ରହ୍ମା, ସମ୍ପାଦକ ମାନସ ରଞ୍ଜନ କର, କୋଷାଧ୍ୟକ୍ଷ ସୁଦର୍ଶନ ସେନାପତି ଓ ବରିଷ୍ଠ ସଦସ୍ୟ ଅମ୍ବିକା ପ୍ରସନ୍ନ ପାଣି ଜିଲାପାଳ ଅବ୍‌ଦାଲ ଅକ୍ତାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସାମ୍ବାଦିକ ସୁରକ୍ଷା ଆଇନ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶିକୁ ପାଞ୍ଚ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ଖବରଦାତାଙ୍କୁ ଅବସର କାଳୀନ ଭତ୍ତା ପ୍ରଦାନ ପାଇଁ ଏଥିରେ ଦାବି ହୋଇଛି।

# ସୀମାନ୍ତ ଗାଁରେ ତହସିଲଦାରଙ୍କ ତଦନ୍ତ

## ଖବର ପ୍ରକାଶ ପରେ ଜିଲା ପ୍ରଶାସନ ତତ୍ପର

ପଟ୍ଟାଙ୍ଗୀ, ୯।୭(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ପଞ୍ଚାୟତ ସହ ନୂଆଗାଁ, ରାଲେଗଡାର ସୀମାନ୍ତ ଗ୍ରାମବାସୀଙ୍କୁ ଆନ୍ଧ୍ର ସରକାର ଉନ୍ନୟନମୂଳକ କାର୍ଯ୍ୟର ପ୍ରଲୋଭନ ଦେଖାଇ ନିଜ ଆଡକୁ କରାଇବାକୁ ଚେଷ୍ଟା କରୁଥିବା ଖବର ପ୍ରକାଶ ପାଇଥିଲା। ଏହାପରେ କୋରାପୁଟ ଜିଲା ପ୍ରଶାସନ ତତ୍ପରତା ଦେଖାଇଛନ୍ତି। ସମ୍ପୃକ୍ତ ଅଞ୍ଚଳକୁ ଯାଇ ତଦନ୍ତ କରିବାକୁ ଜିଲାପାଳ ଅବ୍‌ଦାଲ ଅକ୍ତର ପଟ୍ଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ତହସିଲଦାର, ପଟ୍ଟାଙ୍ଗୀ ପୋଲିସ, ଆର୍‌ଆଇ ମୁଣ୍ଡାଗାଡିଆ ଡମ୍ବରୁ ରାଲେଗଡା ପଞ୍ଚାୟତ ବିଟ୍ରା ଏବଂ ପଟ୍ଟାଙ୍ଗୀ ପଞ୍ଚାୟତର କାରିଡି ଗ୍ରାମକୁ ଯାଇଥିଲେ।


ତହସିଲଦାର ଓ ଅନ୍ୟ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଆନ୍ଧ୍ରର କେ. କନାବାଲସା ଗ୍ରାମରେ ଏକ ବୈଠକ ହୋଇଥିଲା। ସେହି ବୈଠକରେ ଆମକୁ ଡାକି ଆନ୍ଧ୍ର ସରକାରଙ୍କ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସେମାନଙ୍କୁ ସହଯୋଗ କଲେ ସେଠାକାର ସରକାରଙ୍କ ସମସ୍ତ ଯୋଜନାର ଲାଭ ମିଳିବ ବୋଲି ପାର୍ବତୀପୁରମ ପିଏ ଆଇଟିଡିଏ କୋର୍ମନାଥ ଆମକୁ କହିଥିଲେ। ଏହି ସମୟରେ ୬ଜଣଙ୍କଠାରୁ ମାଡ୍ରାସ ପ୍ରେସିଡେନ୍ସି ଅମଳରୁ ମିଳିଥିବା ତମ୍ବା ପଟ୍ଟା ସେମାନେ ନେଇ ଯାଇଥିବା ବିଟ୍ରା ଗ୍ରାମର ଜାନି ଶୁକ୍ରା ଏବଂ କାରିଡି ଗ୍ରାମର କିମିୟା ପାଙ୍ଗୀ ତହସିଲଦାରଙ୍କୁ କହିଛନ୍ତି। ସେହିଭଳି ସାଲୁରୁ ବିଧାୟକ ରାଜାନା ଦୋରା ମଧ୍ୟ ଗ୍ରାମବାସୀଙ୍କୁ ଆନ୍ଧ୍ରରେ ମିଶାଇବା ନେଇ ବିଧାନସଭାରେ ପ୍ରସ୍ତାବ ଉଠାଇ ତାହାକୁ ତୁରନ୍ତ କାର୍ଯ୍ୟକାରୀ କରାଇବାକୁ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀମାନେ କହିଛନ୍ତି। ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା ପରେ ତହସିଲଦାର ଏକ ରିପୋର୍ଟ ପ୍ରସ୍ତୁତ କରି ଜିଲା ପ୍ରଶାସନକୁ ଅବଗତ କରାଇଛନ୍ତି।

# ଦୁର୍ଗମ ଅଞ୍ଚଳରେ ରାସ୍ତା, ପାନୀୟଜଳ ସୁବିଧାକୁ ଗୁରୁତ୍ୱ


ଗ୍ରାମରେ ସମସ୍ୟାର ସମାଧାନ ନେଇ ଉପଜିଲାପାଳ ଆଲୋଚନା କରୁଛନ୍ତି।

## ଉପଜିଲାପାଳଙ୍କ ପଦ୍ମପୁର ଗସ୍ତ

ପଦ୍ମପୁର,୯।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍‌ର ନୂଆଗଡ଼, ଗୁଲୁଗୁଡ଼ା, ତେମ୍ବାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଗୁଞ୍ଜିଗୁଡ଼ା, ଦର୍କାମା, କାଞ୍ଚକରଡ଼ା ଓ ଲୋମଡଙ୍ଗ ଭଳି ଦୁର୍ଗମ ଅଞ୍ଚଳରେ ଅନେକ ସମସ୍ୟା ରହିଛି। ଗୁଣପୁର ଉପଜିଲାପାଳ ଜେ. ସୋନାଲ ଶୁକ୍ରବାର ଉକ୍ତ ଅଞ୍ଚଳ ଗସ୍ତକରି ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି। ଏଥିସହ ପଦ୍ମପୁର ବ୍ଲକ ପ୍ରଶାସନ ପକ୍ଷରୁ କରାଯାଇଥିବା ଉନ୍ନୟନ କାର୍ଯ୍ୟର ମଧ୍ୟ ତଦାରଖ କରିଥିଲେ। ଅଞ୍ଚଳରେ ରାସ୍ତା, ପାନୀୟଜଳ ଯୋଗାଣ ସମସ୍ୟା ଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଦିବାସୀଙ୍କ ଜୀବନଜୀବିକା ସହ କରୋନା କବଳରୁ କିପରି ସୁରକ୍ଷିତ ରହିବେ ସେ ଦିଗରେ ସଚେତନତା ନେଇ ଗୁରୁତ୍ୱାରୋପ କରିଥିଲେ। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଛତୁଆ ଓ ଅଣ୍ଡା ଠିକ୍ ଭାବେ ଦିଆଯାଉଛି କି ନାହିଁ ପଚାରି ବୁଝିଥିଲେ। ଅପହଞ୍ଚ ଲୋମଡଙ୍ଗ ଭଳି ଗାଁକୁ ଉପଜିଲାପାଳ ଚାଲି ଚାଲି ପହଞ୍ଚିଥିବାରୁ ଗ୍ରାମବାସୀ ଖୁସି ହେବା ସହ ସମସ୍ୟାର ସମାଧାନ ନେଇ ଆଶା ପ୍ରକଟ କରିଥିଲେ। ପରେ ପଦ୍ମପୁର ବ୍ଲକ କାର୍ଯ୍ୟାଳୟରେ ୪୦ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରାଯାଇଥିଲା। ଏହି ସମୟରେ ବିଡିଓ ଦୟାମୟ ପାଢ଼ୀ, ବ୍ଲକ ଶିଶୁ ବିକାଶ ଅଧିକାରୀ ପ୍ରମିଳା ବେହେରା, ତହସିଲଦାର ନୀଳମାଧବ ମାଝି, ଯୋଗାଣ ଅଧିକାରୀ ପ୍ରଭାକର ମଲିକ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଶୀର୍ବାଦ ଯୋଜନା ନେଇ ଲୋକଙ୍କୁ ସଚେତନ କରାଯାଉ

ରାୟଗଡ଼ା ଅଫିସ,୯।୭

ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆଶୀର୍ବାଦ ଯୋଜନା ରାୟଗଡ଼ା ଜିଲାରେ ଶୀଘ୍ର କାର୍ଯ୍ୟକାରୀ କରିବା ନିମନ୍ତେ ଶୁକ୍ରବାର ଏକ ଭର୍ଚୁଆଲ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ୍ ଓ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି, ଜିଲାର ସମସ୍ତ ବିଡିଓ, ସିଡିପିଓ, ସୁପରଭାଇଜରଙ୍କ ସମେତ ପୋଲିସ ବିଭାଗ, ସ୍ୱାସ୍ଥ୍ୟ, ଶିକ୍ଷା, ଶ୍ରମ ଓ ଅନ୍ୟ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ମେଗା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ ଆଶୀର୍ବାଦ ଯୋଜନା ବିଷୟରେ ସବିଶେଷ ଆଲୋଚନା କରିଥିଲେ।

ଜିଲାରେ କୌଣସି ଯୋଗ୍ୟ ଶିଶୁ ଯେପରି ଯୋଜନାରୁ ବାଦ୍ ନ ପଡ଼ନ୍ତି ଏବଂ ବିନା ସମସ୍ୟାରେ ଯେପରି ଶିଶୁମାନଙ୍କୁ କିଭଳି ଆର୍ଥିକ ସହାୟତା ମିଳିପାରିବ ସେ ଦିଗରେ ସମସ୍ତ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନାରେ ଅନାଥ ଶିଶୁ ଏବଂ ମା' କିମ୍ବା ବାପାଙ୍କୁ ହରାଇ ବିଶେଷ ଯତ୍ନର ଆବଶ୍ୟକ କରୁଥିବା ଶିଶୁମାନେ ସରକାରୀ ସହାୟତା ପାଇବେ। ଏ ନେଇ ସେମାନଙ୍କ ଅଭିଭାବକ ନିଜ ଅଞ୍ଚଳର ସିଡିପିଓ କିମ୍ବା ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ। ଆବଶ୍ୟକ କାଗଜପତ୍ର ଯଥା ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ, ସ୍କୁଲ ପ୍ରମାଣପତ୍ର, ବ୍ୟାଙ୍କ ପାସ୍‌ବୁକ୍ ଓ ମୃତ୍ୟୁ ଘଟିଥିବା ମା', ବାପାଙ୍କ ପ୍ରମାଣପତ୍ର ଦାଖଲ କରି ଆବେଦନ କରିପାରିବେ। ଏ ନେଇ ଲୋକଙ୍କୁ ସଚେତନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହ ବ୍ୟତୀତ ଜିଲା ଶିଶୁ ସୁରକ୍ଷା କମିଟିର ବୈଠକ ମାଧ୍ୟମରେ ଜିଲା ଶିଶୁ ସୁରକ୍ଷା ୟୁନିଟ, ଚାଇଲ୍ଡଲାଇନ ଓ ଶିଶୁ ମଙ୍ଗଳ କମିଟିର କାର୍ଯ୍ୟକ୍ରମ ବିଷୟରେ ପାକ୍ଷିକ ସମୀକ୍ଷା ହୋଇଥିଲା।

# ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର

ଦଶମନ୍ତପୁର,୯।୭(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ଥାନା ଅଧୀନ ଚିକାମ୍ବ ପଞ୍ଚାୟତର ଧର୍ମଗୁଡ଼ା କୋଲନୀ ସାହିର ଜରାଇ ମୁଦୁଲି(୨୫) ସ୍ୱାମୀ ନବୀନଙ୍କ ଟାଙ୍ଗିଆ ଚୋଟରେ ଗୁରୁତର ହୋଇଛନ୍ତି। ଏହି ଘଟଣାରେ ତାଙ୍କ ଦେଢ଼ବର୍ଷର ଶିଶୁଟି ଅଳ୍ପକେ ବର୍ତ୍ତିଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ସମସ୍ତେ ଖାଇ ପିଇ ଶୋଇଥିଲେ। ହଠାତ୍ ନବୀନ ତାଙ୍କ ସ୍ତ୍ରୀ ଜରାଇଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଜରାଇ ପାଖରେ ଥିବା ଶିଶୁ ପୁତ୍ରକୁ କୋଳରେ ଲୁଚାଇ ଦେଇଥିଲେ। ନବୀନ ମାରିଥିବା ୪ଟି ଚୋଟ ଜରାଇଙ୍କ ଦେହରେ ବାଜିଥିଲା। ଜରାଇ ନବୀନଙ୍କୁ ଠେଲିଦେଇ ଶିଶୁପୁତ୍ରକୁ ନେଇ ବାହାରକୁ ଚାଲି ଆସି ପାଟି କରିଥିଲେ। ତାଙ୍କ ପାଟି ଶୁଣି ଗ୍ରାମବାସୀ ଉଠି ନବୀନଙ୍କୁ କାବୁକରି ଆମ୍ବୁଲାନ୍ସ ଓ ପୋଲିସକୁ ଖବର ଦେଇଥିଲେ। ଜରାଇଙ୍କୁ ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦଶମନ୍ତପୁର ଥାନାଧିକାରୀ ବିଜୟରାଜ ମାଝିଙ୍କ ନେତୃତ୍ୱରେ ଏଏସ୍‌ଆଇ ବାବୁଲା ପ୍ରଧାନ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ନବୀନଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି।

# ହିତାଧିକାରୀଙ୍କ ଆବାସ ଗୃହ ଟଙ୍କା ହଡ଼ପ

ନବରଙ୍ଗପୁର/ଉମରକୋଟ, ୯।୭(ବି.ପ୍ର./ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆସିଥିବା ଟଙ୍କା ସଦୁପଯୋଗ ହୋଇ ପାରିନାହିଁ। ଏହିଭଳି ଏକ ଦୁଃଖଦ ଚିତ୍ର ଦେଖିବାକୁ ମିଳିଛି ଉମରକୋଟ ବ୍ଲକ କୁର୍ଶୀ ପଞ୍ଚାୟତ ନୂଆପରା ଗ୍ରାମରେ। ଜଣେ ବ୍ୟବସାୟୀ ଘର ତିଆରି କରିଦେବାକୁ କହି ଆମ ଟଙ୍କା ହଡ଼ପ କରି ନେଇଥିବା ହିତାଧିକାରୀମାନେ କହିଛନ୍ତି। ଟଙ୍କା ମାଗିବାକୁ ଯୋଗାଯୋଗ କରିବାରୁ ସମ୍ପୃକ୍ତ ବ୍ୟବସାୟୀ ଜାତିଆଣ ମନ୍ତବ୍ୟ ଦେଇ ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଇଥିବା ହିତାଧିକାରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ହିତାଧିକାରୀଙ୍କ ଅଭିଯୋଗକୁ ଭିତ୍ତି କରି ଉମରକୋଟ ଅଞ୍ଚଳର ବ୍ୟବସାୟୀ ସଞ୍ଜୀବ ସୁବୁଦ୍ଧିଙ୍କୁ ଶୁକ୍ରବାର ଗିରଫ କରିଛି।

ଗାଁର ରଜବତୀ କଲାର,ଫୁଲମତି ଗଣ୍ଡ, ମଙ୍ଗତି ଗଣ୍ଡ, ଜୟମଣି ଗଣ୍ଡ, ମାରୀ ଗଣ୍ଡଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରିବାକୁ କାର୍ଯ୍ୟାଦେଶ ମିଳିଥିଲା। ସଞ୍ଜୀବ ଘର ତିଆରି କରି ଦେବାକୁ କହିଥିଲେ। ଏଥିରେ ହିତାଧିକାରୀମାନେ ରାଜି ହୋଇଥିଲେ। ଏହାପରେ ସଞ୍ଜୀବ ଘର ତିଆରି ଆରମ୍ଭ କରିଥିଲେ।


ଥାନାକୁ ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀମାନେ।

ସେ କିନ୍ତୁ ଘରକାମ ଶେଷ କରି ନ ଥିଲେ। ଘର ତିଆରି ପୂର୍ବରୁ ସଞ୍ଜୀବ ଉମରକୋଟ ଡାକି ବ୍ୟାଙ୍କ ଖାତା ଖୋଲି ସେମାନଙ୍କ ଟିପଚିହ୍ନ, ଆଧାର କାର୍ଡ, ବ୍ୟାଙ୍କ ଖାତା, ଓ ଆବଶ୍ୟକ କାଗଜପତ୍ର ନେଇଯାଇଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ତେଣୁ ଆମ ବ୍ୟାଙ୍କ ଖାତାକୁ କେତେ ଟଙ୍କା ଆସିଲା କେତେ ଉଠିଲା ଆମ ପାଖରେ ଏବେ ପର୍ଯ୍ୟନ୍ତ କିଛି ଖବର ନାହିଁ ବୋଲି ସେମାନେ କହିଛନ୍ତି। ଏହା ଭିତରେ ଅନେକ ଦିନ ବିତିଗଲା ପରେ ଆମେ ବାଧ୍ୟ ହୋଇ ନିଜ ସୁନା, ଜମି ବନ୍ଧା ପକାଇ ସେହି ଅର୍ଥରେ କିଛି କିଛି ତିଆରି କରିଛୁ। କିଛିଦିନ ତଳେ ଆମେ ସଞ୍ଜୀବଙ୍କୁ ଫୋନ କରି ଘର ସମ୍ପୂର୍ଣ୍ଣ କରିବାକୁ କହିଥିଲୁ। ସେ କିନ୍ତୁ ଆମକୁ ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି ବୋଲି ହିତାଧିକାରୀମାନେ ଥାନାରେ ଅଭିଯୋଗ କରିଛନ୍ତି। ଜାତିଆଣ ଆକ୍ଷେପ ଅଭିଯୋଗରେ ପୋଲିସ ୨୫୦/୨୧ରେ ମାମଲା ରୁଜୁକରି ସଞ୍ଜୀବଙ୍କୁ ଗିରଫ କରିଛି। ଉମରକୋଟ ଏସ୍‌ଡିପିଓ ଡ. ଦିନେଶ ଚନ୍ଦ୍ର ନାୟକ ଏହାର ତଦନ୍ତ ଦାୟିତ୍ୱ ନେଇଛନ୍ତି। ଏହାଛଡ଼ା ସଞ୍ଜୀବଙ୍କ ନାଁରେ ୨୫୧/୨୧, ୨୫୨/୨୧, ୨୫୩/୨୧, ୨୫୪/୨୧ରେ ମଧ୍ୟ ୪ଟି ମାମଲା ରୁଜୁ ହୋଇଛି।

## ନିଆଁ ଲାଗି ୩ ଛେଳି ଦଗ୍ଧ,୧୦ ଗୁରୁତର

ଏମ୍‌ଭି ୭୯,୯।୭(ଡି.ଏନ୍.ଏ.)– ମାଲକାନଗିରି ଜିଲା କାଳିମେଳା ବ୍ଲକ ମହାରାଜପାଲି ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି ୧୧୪ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଛେଳି ଗୁହାଳରେ ନିଆଁ ଲାଗି ୩ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ସୂଚନା ଅନୁଯାୟୀ, ଗ୍ରାମର ସଞ୍ଜୟ ବେପାରୀ ୨୫ଟି ଛେଳି ପାଳିଥିଲେ। ଗୁରୁବାର ରାତିରେ ପରିବାର ଲୋକେ ଶୋଇଥିବାବେଳେ ଗୁହାଳରେ ନିଆଁ ଲାଗିଯାଇଥିଲା। ଏଥିରେ ୧୦ ଛେଳି ଗୁରୁତର ହୋଇଥିବାବେଳେ ୩ଟିର ମୃତ୍ୟୁ ଘଟିଥିଲା। ତେବେ ନିଆଁ କିପରି ଲାଗିଲା ତାହା ଜଣାପଡ଼ି ନ ଥିବାବେଳେ ସାହିଲୋକେ ଗୁହାଳରେ ନିଆଁ ଲାଗିଥିବା ଦେଖି ସଞ୍ଜୟଙ୍କୁ ଡାକିଥିଲେ। ସେତେବେଳକୁ ପାଖରେ ଥିବା ଏକ ବାଇକ୍ ଜଳିଯାଇଥିବାବେଳେ ଅନେକ ଛେଳି ଗୁରୁତର ହୋଇଥିଲେ। ଶୁକ୍ରବାର ଏମ୍‌ଭି ୭୯ରୁ ପଶୁ ଚିକିତ୍ସକ ପହଞ୍ଚି ଛେଳିଗୁଡ଼ିକର ଚିକିତ୍ସା କରୁଥିବା ଜଣାପଡ଼ିଛି। ସଞ୍ଜୟ ଚାଷକାମ ସହ ପଶୁପାଳନରୁ ପରିବାର ଚଳାଉଛନ୍ତି। ଏବେ ୩ ଛେଳିଙ୍କ ଜୀବନ ଯାଇଥିବାବେଳେ ୧୦ ଗୁରୁତର ଅଛନ୍ତି। ୩ ଛେଳିର ଆନୁମାନିକ ଦାମ ୪୦ ରୁ ୫୦ ହଜାର ଟଙ୍କା ହେବ। ଏଥିପାଇଁ ଋଣ ମଧ୍ୟ ନେଇଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ଡିଇଓ

## ନୃତ୍ୟ ଭିଡିଓ ଭାଇରାଲ ପ୍ରସଙ୍ଗ

ମାଲକାନଗିରି,୯।୭(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଇଓଙ୍କ ସମେତ ଅନ୍ୟ କେତେଜଣ ମହିଳା ଏବଂ ପୁରୁଷ କୋଭିଡ୍ ନିୟମକୁ ଉଲ୍ଲଂଘନ କରି ବାଲିମେଳା ପୋଟେରୁ ଜଳସେଚନ ବିଭାଗ ଅତିଥି ଭବନରେ ନୃତ୍ୟ କରୁଥିବା ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ନେଇ ଚର୍ଚ୍ଚା ହେବାପରେ ସମ୍ପୃକ୍ତ ବିଇଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଇଓ ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, କରୋନା ବେଳରେ ୨ ବର୍ଷ ହେଲା ସ୍କୁଲ ବନ୍ଦ ରହିଛି। ଏହି ସମୟରେ ପିଲାଙ୍କ ଅନ୍‌ଲାଇନ ପାଠପଢ଼ା, ଶିକ୍ଷୟତ୍ରୀ, ଶିକ୍ଷକଙ୍କ ଅନ୍‌ଲାଇନ୍ ଶିକ୍ଷାଦାନ, ପିଲାଙ୍କ ମାସିକ ମଧ୍ୟାହ୍ନ ଭୋଜନ ଚାଉଳ, ପୋଷାକ, ଜୋତା, ବୃତ୍ତି ଅର୍ଥ ଛାତ୍ରୀଛାତ୍ର ପାଉଛନ୍ତି କି ନାହିଁ ଏବଂ କୋଭିଡ୍ ସଚେତନତା ଆଦି ବିଷୟରେ ବୁଝିବା ବିଇଓଙ୍କ ଦାୟିତ୍ୱ। ଏଭଳି ପରିସ୍ଥିତିରେ କୋଭିଡ୍ ନିୟମକୁ ଉଲ୍ଲଂଘନ କରି ସାମୁହିକ ନୃତ୍ୟ ପରିବେଷଣ କରିବା ବଡ଼ ଭୁଲ ବୋଲି ଡିଇଓ କହିଛନ୍ତି।

# ଭୁଲ୍ ତଥ୍ୟ ଦେଉଛି ସୂଚନା ଫଳକ

ନବରଙ୍ଗପୁର,୯।୭(ବି.ପ୍ର.)

ଗ୍ରାମ୍ୟ ଉନ୍ନୟନ ବିଭାଗର ସୂଚନା ଫଳକ ଗୁମର। ନବରଙ୍ଗପୁର ପରେ ଏବେ ତେନ୍ତୁଲିଖୁଣ୍ଟିରେ। ସୂଚନା ଫଳକର ବିଭ୍ରାନ୍ତିକର ତଥ୍ୟ ନେଇ ବିବାଦରେ ନବରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ବିଭାଗ। ବିଭ୍ରାନ୍ତିକର ତଥ୍ୟ ଦେଇ ସୂଚନା ଫଳକ ନିର୍ମାଣ। ନବରଙ୍ଗପୁର ସହର ପରେ ଏବେ ଦେଖାଦେଇଛି ତେନ୍ତୁଲିଖୁଣ୍ଟି ବ୍ଲକରେ। ନବରଙ୍ଗପୁର ସହର ପରି ରାସ୍ତା କାମ ସରିବାର ୪ ମାସ ପରେ ଲାଗିଲା ସୂଚନା ଫଳକ। ତାହା ମଧ୍ୟ ଭୁଲ୍‌ଭାଲ। ଉକ୍ତ ସୂଚନା ଫଳକରେ ନବରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ବଦଳରେ ମାଲମାନାଗିରି ଗ୍ରାମ୍ୟ ଉନ୍ନୟନ ବିଭାଗ ବୋଲି ଉଲ୍ଲେଖ ରହିଛି।

## ପଦାରେ ପଡୁଛି ବିଭାଗର ଖାମଖିଆଲ ନୀତି

ସେତିକିରେ ଅନ୍ତ ଘଟିନି। ଫଳକରେ ରାସ୍ତାର ଦୂରତା ଓ ରାସ୍ତାର ନାମ ମଧ୍ୟ ଭୁଲ ରହିଛି। ବ୍ୟୟ ଅଟକଳ, କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ଆଦୌ ଉଲ୍ଲେଖ ନାହିଁ। ତେନ୍ତୁଲିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା ନିକଟସ୍ଥ ଆର୍‌ଡି ରାସ୍ତାରୁ ଭୋର ମାଝୀଗୁଡା ରାସ୍ତାରେ ଲାଗିଛି ଏହି ସୂଚନା ଫଳକ। ଅଞ୍ଚଳଗୁମ୍ମା ଗ୍ରାମବାସୀ କହିବା ଅନୁଯାୟୀ ଉକ୍ତ ରାସ୍ତା କାମ ୪ ମାସ ପୂର୍ବେ ସରିଛି। ଅଞ୍ଚଳଗୁମ୍ମା ନିକଟସ୍ଥ



ଆରଡି ରାସ୍ତାରୁ ଭୋରମାଝିଗୁଡାର ପ୍ରାୟ ୨ କି.ମି. ପିଚୁ ରାସ୍ତା ପୁନଃ ନବିକରଣ କରିବା ପାଇଁ ପ୍ରାୟ ୨୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଲଠାରେ ପିଚୁ ପଡିଥିଲା। ତେବେ ଉକ୍ତ ରାସ୍ତା ନିକଟରେ ଏବେ ତରବରିଆ ଭାବେ ଏକ ସୂଚନା ଫଳକ ସ୍ଥାପନ କରାଯାଇଛି। ଶୁକ୍ରବାର ଉକ୍ତ ସୂଚନା ଫଳକକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କାହିଁକି ୪ମାସ ପରେ ବିଭ୍ରାନ୍ତକାରୀ ତଥ୍ୟ ଯୁକ୍ତ ସୂଚନା ଫଳକ ଲଗାଗଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା।

# ସ୍ଥିତି ସମୀକ୍ଷା କଲେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି

କୋରାପୁଟ,୯।୭(ସ୍ୱ.ପ୍ର.)

କୋରାପୁଟସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ମାଲକାନାଗିରି, ରାୟଗଡା, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ନୁଆପଡା ଆଦି ୬ଜିଲାରେ ମାଓବାଦୀ ଗତିବିଧି, ଆଇନ ଶୃଙ୍ଖଳା ପରିସ୍ଥିତି ଅପରାଧ ନିୟନ୍ତ୍ରଣ, ଗଞ୍ଜେଇ ଚାଲାଣ, କୋଭିଡ ସ୍ଥିତି ଉପରେ ଶୁକ୍ରବାର ସ୍ଥାନୀୟ ଡିଆଇଜି କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରାଯାଇଛି। ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲି, ମାଲକାନାଗିରି, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ନୁଆପଡା ଜିଲାର ଏସ୍‌ପିମାନେ ଉପସ୍ଥିତ ଥିଲେ। ଡିଆଇଜି ଗୋଟି ଗୋଟି କରି ଉପରୋକ୍ତ ୬ଟି ଜିଲାର ଏସ୍‌ପିମାନଙ୍କ ରିପୋର୍ଟକୁ ସମୀକ୍ଷା କରିଥିଲେ।

# ଲୋକେଶ୍ୱରୀ ମନ୍ଦିରରୁ ଚୋରି ଘଟଣାରେ ଜଣେ ଗିରଫ

ଜୟପୁର, ୯।୭ (ନି.ପ୍ର.)

ଜୟପୁର ଲାଲା ସାହି ବ୍ୟାଙ୍କ କଲୋନିସ୍ଥିତ ଲୋକେଶ୍ୱରୀ ମନ୍ଦିରରୁ ଚୋରି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଜୟପୁର ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଢେପଗୁଡ଼ାର ସଞ୍ଜିତ ମହାନନ୍ଦିଆ (୨୫)। ଏହି ମାମଲାରେ ଅନ୍ୟ ଜଣେ ଫେରାର ଥିବା ଜୟପୁର ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ୨ ତାରିଖ ବିଳମ୍ବିତ ରାତିରେ ମନ୍ଦିର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଗର୍ଭ ଗୃହରେ ପଶିଥିଲେ। ସେଠାରେ ଥିବା ଲକରକୁ ଭାଙ୍ଗି ଠାକୁରଙ୍କ ରୁପା ମୁକୁଟ, କମରପଟି, ତ୍ରିଶୂଳ ଓ ଅନ୍ୟ ଅଳଙ୍କାର ନେଇଯାଇଥିଲେ। ମନ୍ଦିର ପୂଜକ ପରଦିନ ଏହା ଦେଖି ପରିଚାଳନା କମିଟିକୁ ଖବର ଦେଇଥିଲେ। ପରେ କମିଟି ସଦସ୍ୟମାନେ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ରୁପା ମୁକୁଟ, କିରିଟ ଜବତ କରାଯାଇଛି। ଅଭିଯୁକ୍ତ ପୂର୍ବରୁ ଅନେକ ଚୋରି ଡକାୟତି ଓ ଅନ୍ୟ ଅପରାଧରେ ଜଡିତ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜୟପୁର ଟାଉନ ଥାନାଧିକାରୀ ସଞ୍ଜୟ କୁମାର ମଣ୍ଡଳ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

# କଂଗ୍ରେସର ସାଇକେଲ ଶୋଭାଯାତ୍ରା, ବିକ୍ଷୋଭ

## ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଦର ବୃଦ୍ଧିର ପ୍ରତିବାଦ

ନବରଙ୍ଗପୁର/ଉମରକୋଟ/ ବୈପାରୀଗୁଡା, ୯।୭ (ବି.ପ୍ର./ସ୍ୱ.ପ୍ର./ ଡି.ଏନ୍.ଏ.)



ଉମରକୋଟରେ ଦଳୀୟ କର୍ମୀ ସାଇକେଲରେ ସହର ପରିକ୍ରମା କରୁଛନ୍ତି। ବୈପାରୀଗୁଡାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଦିନକୁ ଦିନ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି ହେଉଛି। ଏହାର ପ୍ରତିବାଦ କରିଛି କଂଗ୍ରେସ। ମଣ୍ଡିରେ ଚାଷୀଙ୍କୁ ଅଣଦେଖା, ଟୋକନ୍ ବ୍ୟବସ୍ଥାରେ ଅନିୟମିତତା କରାଯାଉଛି। ଏଥି ସହ ଟୋକନ୍ ଅବଧି ବଢ଼ାଇବା, ଧାନ ଏମ୍‌ଏସ୍‌ପି ୨୯୩୦ ଟଙ୍କା କରିବାକୁ ଦଳ ଦାବି କରିଛି। ଶୁକ୍ରବାର ନବରଙ୍ଗପୁର ଓ କୋରାପୁଟ ଜିଲାରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ନବରଙ୍ଗପୁର ଜିଲା କଂଗ୍ରେସ, ନଗର କଂଗ୍ରେସ ଏବଂ ବ୍ଲକ କଂଗ୍ରେସ କର୍ମୀମାନେ ସାଇକେଲ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଜିଲା କଂଗ୍ରେସ ସଭାପତି ମୁନ୍ନା ତ୍ରିପାଠୀ, ବରିଷ୍ଠ ନେତା ସଦନ ନାୟକ, ପିସିସି ସଭ୍ୟ ଦିଲୀପ ବେହେରା, ସରୋଜ ପାତ୍ର, ନଗର କଂଗ୍ରେସ ସଭାପତି ଉତ୍ତମ ତ୍ରିପାଠୀ, ବ୍ଲକ ସଭାପତି ଭୀମ ହରିଜନ, ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ସୋସିଆଲ ମିଡିଆ ସେଲ୍‌ର ସୁମିତ ପୂଜାରୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସେହିଭଳି ଉମରକୋଟସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ମଧ୍ୟ ନେତା ଓ କର୍ମୀମାନେ ଏକ ସାଇକେଲ ଶୋଭାଯାତ୍ରାରେ ବାହାରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭ୍ୟ ତପନ କୁମାର ଦେବନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ଉମରକୋଟ ନଗର ସଭାପତି ମାର୍କଣ୍ଡ ସାହୁ, ପୂର୍ବତନ କାଉନସିଲର ମୁନା ପାଢ଼ୀ, ଆଶୁତୋଷ ହାଲ୍‌ଦାର, ଗୋପାଳ ରାଓ, ଜିଲା ସାଧାରଣ ସମ୍ପାଦକ ଗୋପାଳ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା କୁନୁ ସନ୍ତ୍ରା, ଯୁବ ନଗର ସଭାପତି କୁନା ନାୟକଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ।

କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ କଂଗ୍ରେସ ପକ୍ଷରୁ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତୁରନ୍ତ ସବୁ ସାମଗ୍ରୀର ଦର ନିୟନ୍ତ୍ରଣ କରିବାକୁ ବ୍ଲକ ଅଫିସ ଆଗରେ ଧାରଣା ଦେଇଥିବା ନେତା ଓ କର୍ମୀମାନେ ଦାବି କରିଥିଲେ। ବ୍ଲକ କଂଗ୍ରେସ ସଭାପତି ଗୌରଚନ୍ଦ୍ର ପାତ୍ର, ସତ୍ୟନାରାୟଣ ମହାନ୍ତି, ବାଲାଜି ରାଓ, ମୋହନ ଶ୍ରୀକର୍ଲିଆ,ରଘୁନାଥ ମାଳି ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

